# ଜାରି ହେଲା ହ୍ୱାଟ୍ସଆପ୍ ନମ୍ବର '୯୪୩୭୨୯୨୦୦୦'

## 'ଆମ ସାଥୀ' ହ୍ୱାଟ୍ସଆପ୍ ବଟ୍‌ରେ ମିଳିବ ୧୪ ପୁଲିସ ସେବା

ଭୁବନେଶ୍ୱର,୧୧/୯(ଇମିସ): ପୁଲିସ ସେବା ପାଇଁ ଆଉ ଥାନା କିମ୍ବା ସମ୍ପୃକ୍ତ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡ଼ିବ ନାହିଁ। ଘରେ ବସି ହ୍ୱାଟ୍ସଆପ୍ ମାଧ୍ୟମରେ ୨୪ ଘଣ୍ଟିଆ ୧୪ଟି ପୁଲିସ ସେବା ପାଇବେ ଲୋକେ। ଡିଜିଟାଲ୍ ପୁଲିସିଂକୁ ଅଧିକ ସରଳ, ଦ୍ରୁତ, ସ୍ୱଚ୍ଛ ଓ ନାଗରିକ-କୈନ୍ଦ୍ରିକ କରିବା ପାଇଁ ଆଜି 'ଆମ ସାଥୀ' ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍‌ରେ ଏହାର ଶୁଭାରମ୍ଭ କରାଯାଇଛି। ଡିଜିପି କ୍ୟାମ୍ପ ଅଫିସ୍‌ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ଡିଜିପି ବିନୟତୋଷ ମିଶ୍ର ଏହି ସେବାଗୁଡ଼ିକର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ସେଣ୍ଟର ଫର ମଡର୍ନାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍(ସିଏମ୍‌ଜିଆଇ), ଷ୍ଟେଟ୍ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ (ଏସ୍‌ସିଆର୍‌ବି), ଓଡ଼ିଶା ପୁଲିସ ଏବଂ ମେଟା ଇଣ୍ଡିଆ (ହ୍ୱାଟ୍‌ସଆପ୍)ର ସହଯୋଗରେ ଏହି ବ୍ୟବସ୍ଥା ବିକଶିତ କରାଯାଇଛି।

ତେବେ ଏହି ସେବା ମାଧ୍ୟମରେ ଲୋକମାନେ ଚରିତ୍ର ପ୍ରମାଣପତ୍ର, ବରିଷ୍ଠ ନାଗରିକ ପଞ୍ଜୀକରଣ, ହଜିଥିବା ସମ୍ପତ୍ତି ବା ଦଲିଲ୍ ସମ୍ପର୍କିତ ରିପୋର୍ଟ, ଲାଉଡ୍‌ସ୍ପିକର୍ ପାଇଁ ଏନ୍‌ଓସି, ଭଡ଼ାଟିଆଙ୍କ ତଥ୍ୟ, ହଜିଥିବା ସମ୍ପତ୍ତି ପଞ୍ଜୀକରଣ, ନିଖୋଜ ବ୍ୟକ୍ତି ସମ୍ପର୍କିତ ସୂଚନା ଓ ପଞ୍ଜୀକରଣ, ଅଭିଯୋଗ ପଞ୍ଜୀକରଣ, ଘରୋଇ ସହାୟକଙ୍କ ତଥ୍ୟ, କାର୍ଯ୍ୟକ୍ରମ ପାଇଁ ଅନୁମତି, ଧାରଣା ବା ଧର୍ମଘଟ ପାଇଁ ଅନୁମତି, ଏଫ୍‌ଆଇଆର୍‌ର ନକଲ, ସଡ଼କ ଦୁର୍ଘଟଣା, ଚୋରି ଯାନବାହନ କିମ୍ବା ଚୋରି ମାମଲା ସମ୍ପର୍କିତ ଫାଇନାଲ୍ ଫର୍ମର ନକଲ ପାଇପାରିବେ। ଏଥିପାଇଁ 'ଆମ ସାଥୀ'ର ହ୍ୱାଟ୍ସଆପ୍ ନମ୍ବର '୯୪୩୭୨୯୨୦୦୦'ରେ 'ହାଏ' ଲେଖି ପଠାଇବାକୁ ପଡ଼ିବ। ଭାଷା ଚୟନ ପରେ ଆବଶ୍ୟକ ସେବା ବାଛି ତଥ୍ୟ ଓ ଦଲିଲ ଦାଖଲ କରିହେବ। ଆବେଦନ ପରେ ରେଫରେନ୍ସ ନମ୍ବର ମିଳିବ। ଏହା ମାଧ୍ୟମରେ ଆବେଦନର ସ୍ଥିତି ଜାଣିବା ସହ ଡିଜିଟାଲ୍ ଦଲିଲ୍ ମଧ୍ୟ ହ୍ୱାଟ୍ସଆପ୍ ମାଧ୍ୟମରେ ପାଇପାରିବେ। କାର୍ଯ୍ୟକ୍ରମରେ ଏସ୍‌ସିଆର୍‌ବି ନିର୍ଦ୍ଦେଶକ ଅବିନାଶ କୁମାର, ଅତିରିକ୍ତ ଡିଜି (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପୁଲିସ କମିସନର ଏସ୍ ଦେବଦତ୍ତ ସିଂ, ଆଇଜି (ଏସ୍‌ଟିଏଫ୍) ହିମାଂଶୁ ଲାଲ୍, ଆଇଜି (ଇଣ୍ଟେଲିଜେନ୍ସ) ସତ୍ୟବ୍ରତ ଭୋଇ, ଆଇଜି (କ୍ରାଇମବ୍ରାଞ୍ଚ) ସାର୍ଥକ ଷଡ଼ଙ୍ଗୀ ଏବଂ ସିଏମ୍‌ଜିଆଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନା ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ପି (କମ୍ପ୍ୟୁଟର) ଅମୂଲ୍ୟ ଧର ଧନ୍ୟବାଦ ଅର୍ପଣ କରିଥିଲେ।


# ବ୍ୟାଙ୍କ ଅଫ୍ ଇଣ୍ଡିଆ

बैंक ऑफ इंडिया Bank of India BOI

ଆଞ୍ଚଳିକ କାର୍ଯ୍ୟାଳୟ : ସମ୍ବଲପୁର ଅଞ୍ଚଳ, ସର୍ଲାକଣି ଛକ ନିକଟ, ପୋ.: ଧନକଉଡ଼ା, ଜିଲ୍ଲା: ସମ୍ବଲପୁର - ୭୬୮୦୦୬ (ଓଡ଼ିଶା)

## ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସରଫେଶୀ ଆକ୍ଟ ୨୦୦୨ ଅନୁସାରେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ(ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଏବଂ ୬(୨) ଅନୁଯାୟୀ ସ୍ଥାବର ସମ୍ପତ୍ତି ଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିକୁ ସାଙ୍କେତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ, ତା.୨୭.୧୦.୨୦୨୬ରିଖରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ଏବଂ ସମ୍ପତ୍ତିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ଇ-ନିଲାମ ତାରିଖ ଓ ସମୟ: ୨୭.୧୦.୨୦୨୬** ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ସହିତ ୫ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ, ଯଦି ନିଲାମ ଡାକ ବିକ୍ରୟ ସମାପ୍ତି ପର୍ଯ୍ୟନ୍ତ ଚାଲେ।

**ଅମାନତ ଜମା ଏବଂ କାଗଜାତ୍ ଦାଖଲର ଅନ୍ତିମ ତାରିଖ: ୨୭.୧୦.୨୦୨୬ ଅପରାହ୍ନ ୪.୩୦ ଘଟିକା ପର୍ଯ୍ୟନ୍ତ**

**ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୨୬.୧୦.୨୦୨୬** ଅପରାହ୍ନ ୪.୦୦ ଘଟିକା ମଧ୍ୟରେ,
**ସମ୍ପତ୍ତି ତନଖି ପାଇଁ ସମ୍ପୃକ୍ତ ଶାଖା ମୁଖ୍ୟ କିମ୍ବା ରିକଭରୀ ଡିପାର୍ଟମେଣ୍ଟ, ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର**
**(ଶ୍ରୀମତୀ ଲିଲିମା ପଣ୍ଡା-ମୋ.: ୮୧୪୪୦୦୨୧୦୧, ଶ୍ରୀ ଭରତ କୁମାର ସାହୁ-ମୋ.: ୯୦୯୦୫୭୨୨୫୭)ଙ୍କ ସହ ଯୋଗାଯୋଗ କରନ୍ତୁ।**

| କ୍ର. ନଂ. | **ପାରଳାଖେମୁଣ୍ଡି ଶାଖା** /ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ଦଖଲ ପ୍ରକାର /ସମ୍ପତ୍ତି ID |
|---|---|---|---|
| ୧. | ଶାଖା ମୁଖ୍ୟ: ଶ୍ରୀ ପ୍ରମୋଦ ନାୟକ - ୭୮୦୯୬୯୮୫୭୭ (ମୋ)<br>**୧) ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ମେସର୍ସ ସ୍ନେହା ସପିଂଗ୍ ମଲ, ସ୍ୱତ୍ତ୍ୱାଧିକାରୀ: ଦରପୁ ଭାରା ପ୍ରସାଦ**, ଅଚ୍ୟୁତାପୁରମ୍ ପାଥପଟନମ୍, ଜିଲ୍ଲା: ଶ୍ରୀକାକୁଲମ୍, ଆନ୍ଧ୍ରପ୍ରଦେଶ-୫୩୨୨୧୩ / **ଶ୍ରୀ ଦରପୁ ଭାରା ପ୍ରସାଦ**, ଆରଟିସି କମ୍ପ୍ଲେକ୍ସ ପାଖ, ପାଥପଟନମ୍, ଜିଲ୍ଲା: ଶ୍ରୀକାକୁଲମ୍, ଆନ୍ଧ୍ରପ୍ରଦେଶ-୫୩୨୨୧୩ / **ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀମତୀ ଦରପୁ ସୁଷମା**, ଆରଟିସି କମ୍ପ୍ଲେକ୍ସ ପାଖ, ପାଥପଟନମ୍, ଜିଲ୍ଲା: ଶ୍ରୀକାକୁଲମ୍, ଆନ୍ଧ୍ରପ୍ରଦେଶ-୫୩୨୨୧୩ / **ମୋଟ ବକେୟା ରାଶି: ତା.୨୮.୦୫.୨୦୨୬ରିଖ ସୁଦ୍ଧା ଟ.୪୦,୭୩,୮୧୪/-** + ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ<br>**୨) ଋଣଗ୍ରହୀତା/ବନ୍ଧକଦାତା: ୧) ମେସର୍ସ ସ୍ନେହା ଏମ୍ପୋରିୟମ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ଦରପୁ ସୁଷମା**, ଆରଟିସି କମ୍ପ୍ଲେକ୍ସ ପାଖ, ପାଥପଟନମ୍, ଜିଲ୍ଲା: ଶ୍ରୀକାକୁଲମ୍, ଆନ୍ଧ୍ରପ୍ରଦେଶ-୫୩୨୨୧୩ / **୨) ଶ୍ରୀମତୀ ଦରପୁ ସୁଷମା**, ଆରଟିସି କମ୍ପ୍ଲେକ୍ସ ପାଖ, ପାଥପାଟନମ୍, ଜିଲ୍ଲା: ଶ୍ରୀକାକୁଲମ୍, ଆନ୍ଧ୍ରପ୍ରଦେଶ-୫୩୨୨୧୩ / **ମୋଟ ବକେୟା ରାଶି: ତା.୧୫.୦୫.୨୦୨୬ରିଖ ସୁଦ୍ଧା ଟ.୫୮,୨୭,୭୪୭/-** + ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ୧) ଦରପୁ ଭାରା ପ୍ରସାଦଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଡୋର ନଂ.: ୧୧/୨, ୱାର୍ଡ ନଂ.: ୧୧, ଅନ୍ତରବା ମଥୁରା ଅଚୁତାପୁରମ୍, ଖାତା ନଂ.: ୧୮୦, ସର୍ଭେ ନଂ.: ୨/୧, କେ.ସି. ରୋଡର ପଶ୍ଚିମ ପାଖ, ପ୍ଲଟ୍ ନଂ.: ୧,୨, ପୂର୍ବରୁ ପଶ୍ଚିମ ପରିମିତି ୩୪ ଫୁଟ ଏବଂ ଉତ୍ତରରୁ ଦକ୍ଷିଣ ୨୬ ଫୁଟ, କ୍ଷେତ୍ର: ଏକର ୮୮୩.୯୮ ବର୍ଗଫୁଟ, ମଣ୍ଡଳ ଏବଂ ପଞ୍ଚାୟତ ପାଥପାଟନମ୍, ଏସଆରଓ ପାଥପାଟନମ୍, ଜିଲ୍ଲା: ଶ୍ରୀକାକୁଲମ୍ ଆନ୍ଧ୍ରପ୍ରଦେଶ , କିସମ: ଘରବାରୀ ତଥା ବାଣିଜ୍ୟିକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ୱାଇ କୁରୁମାମାଙ୍କ ପ୍ଲଟ, ଦକ୍ଷିଣ: ଲେଆଉଟ୍ ରାସ୍ତା, ପୂର୍ବ: ଡି ସୁଷମାଙ୍କ ସାଇଟ, ପଶ୍ଚିମ: ଏ. ଅରୁଣାଙ୍କ ସାଇଟ୍<br>**୨) ଶ୍ରୀମତୀ ଦରପୁ ସୁଷମାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଡୋର ନଂ.: ୧୧/୨, ୱାର୍ଡ ନଂ.: ୧୧, ଅନ୍ତରବା ମଥୁରା ଅଚ୍ୟୁତାପୁରମ୍, ଖାତା ନଂ.: ୧୮୦, ସର୍ଭେ ନଂ.: ୨/୧, ମଣ୍ଡଳ ଏବଂ ପଞ୍ଚାୟତ ପାଥପାଟନମ୍, ଏସଆରଓ ପାଥପାଟନମ୍, ଜିଲ୍ଲା: ଶ୍ରୀକାକୁଲମ୍ ଆନ୍ଧ୍ରପ୍ରଦେଶ, କ୍ଷେତ୍ର: ୧୫୬୦ ବର୍ଗଫୁଟ, କିସମ: ଘରବାରୀ ଓ ବାଣିଜ୍ୟିକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ୱାଇ କୁରୁମାମାଙ୍କ ପ୍ଲଟ, ଦକ୍ଷିଣ: ଲେଆଉଟ୍ ରାସ୍ତା, ପୂର୍ବ: ମେନ୍ ରାସ୍ତା, ପଶ୍ଚିମ: ଦରୁପା ଭାରା ପ୍ରସାଦଙ୍କ ସାଇଟ୍ | ଟ.୧,୮୧,୦୬,୦୦୦/-<br>/<br>ଟ.୧୮,୧୦,୬୦୦/-<br>/<br>ସାଙ୍କେତିକ<br>/<br>**BKID0000158** |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡ଼ିକ ଉପରେ କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନଭାବେ ସମ୍ପତ୍ତିର ଇ.ସି. ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ / ଅଧିକାର/ଦେୟ ବିଷୟରେ ଯାଞ୍ଚ କରିବା ଉଚିତ୍ । ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ । ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରିହେବ। କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ । ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍ । ଉପରବର୍ଣ୍ଣିତ ସୂଚୀରେ ଉଲ୍ଲେଖିତ ସୁରକ୍ଷିତ ସମ୍ପତ୍ତିର ବିବରଣୀ କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ ନିକଟରେ ଉପଲବ୍ଧ ଥିବା ସର୍ବୋତ୍ତମ ସୂଚନା ଅନୁସାରେ ଦର୍ଶାଯାଇଅଛି କିନ୍ତୁ ଏହି ସର୍ବସାଧାରଣ ନୋଟିସ୍‌ରେ କୌଣସି ପ୍ରକାରର ତ୍ରୁଟି, ଭୁଲ ତଥ୍ୟ ପାଇଁ କ୍ଷମତାପ୍ରାପ୍ତ ଅଧିକାରୀ ଦାୟୀ ରହିବେ ନାହିଁ। ନିଲାମ ବିକ୍ରୟ/ବିଡିଂ କେବଳ "ଅନ୍‌ଲାଇନ୍ ବିଡିଂ ପଦ୍ଧତି" ମାଧ୍ୟମରେ ୱେବ୍‌ସାଇଟ୍ ପୋର୍ଟାଲ୍ **https://baanknet.com.** ମାଧ୍ୟମରେ ଅନୁଷ୍ଠିତ ହେବ।
ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପ୍ରଦତ୍ତ ଲିଙ୍କ୍: **https://www.bankofindia.co.in/tenders** ଦେଖନ୍ତୁ।

ସ୍ଥାନ: ସମ୍ବଲପୁର
ତାରିଖ: ୧୧.୦୯.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ